# ଅଲଗା-ଅଲଗା ସ୍ୱର ସହିତ ଖେଳିବା (ମାତ୍ରାକ୍ଷର ସହିତ)

'ଶବ୍ଦକୁ ଭାଙ୍ଗିବା ଓ ଯୋଡିବାର ଗତିବିଧି ଶ୍ରେଣୀରେ ପ୍ରତିଦିନ କରାନ୍ତୁ । ଏହି ଗତିବିଧିକୁ କରିବା ଦ୍ୱାରା ପିଲାଙ୍କଠାରେ ସ୍ୱର-ବ୍ୟଞ୍ଜନକୁ ମିଶାଇ ତାହାର ଧ୍ୱନିକୁ ଉଚ୍ଚାରଣ କରିବା ଓ ତାହାକୁ ଚିହ୍ନଟ ଏବଂ ଲେଖିବାରେ ଦକ୍ଷତା/ବୋଧ ବିକଶିତ ହୋଇଥାଏ । ଏଥିପାଇଁ ମାତ୍ରାକ୍ଷରର ଗତିବିଧି କରାଇବା ପୂର୍ବରୁ ଯଦି ପିଲାଙ୍କୁ ସ୍ୱରର ଖେଳ ମୌଖିକ ରୂପେ କରାଯାଉଛି ତେବେ ପିଲାଙ୍କଠାରେ ସ୍ୱର ଓ ବ୍ୟଞ୍ଜନକୁ ମିଶାଇ ତାହାର ଧ୍ୱନିକୁ ଉଚ୍ଚାରଣ କରିବାର ଶୈଳୀର ବିକାଶ ହୋଇଥାଏ, ଯାହାକି ମାତ୍ରାକ୍ଷରର ଏକକ (ଅକ୍ଷର) ଓ ଧ୍ୱନିକୁ ଚିହ୍ନିବାରେ ଏବଂ ବୁଝିବାରେ ସାହାଯ୍ୟ କରିଥାଏ । ଏଥିପାଇଁ କିଛି ଶବ୍ଦ ସହିତ ମୌଖିକ ଭାଙ୍ଗ-ଯୋଡ ଗତିବିଧି କରାନ୍ତୁ, ଯେପରି:-

| ମୌଖିକ | ମୌଖିକ |
|---|---|
| **ଭାଙ୍ଗିବା** | **ଯୋଡିବା** |
| ପାଣି - ପା ଣି | ଝ ର କା - ଝରକା |
| ରାତି - ରା ତି | ପ ତ ଲା - ପତଲା |
| ଧରଣୀ- ଧ ର ଣୀ | ନ ଦୀ - ନଦୀ |

- ଏବେ ପିଲାଙ୍କୁ ସେମାନଙ୍କର ସ୍ତରାନୁସାରେ ଯେପରି ପ୍ରାରମ୍ଭିକ, ଅକ୍ଷର ଏବଂ ଶବ୍ଦର ଦଳରେ ବସାନ୍ତୁ । ଭାଙ୍ଗ-ଯୋଡର ଗତିବିଧି ସମୟରେ କୌଣସି ଏକ ଶବ୍ଦର ଧ୍ୱନିକୁ ପଚାରନ୍ତୁ ।
- ଶିକ୍ଷକ ବଡ ଦଳରେ ସ୍ପଷ୍ଟ ଉଚ୍ଚାରଣ ସହିତ ସେହି ଅକ୍ଷରର ମାତ୍ରାକ୍ଷରର ପ୍ରତ୍ୟେକ ଏକକ ଉପରେ ଅଙ୍ଗୁଳି ରଖି ପଢ଼ିକରି ଶୁଣାଇବେ । ପିଲାମାନେ କେବଳ ଦେଖିବେ ଏବଂ ଶୁଣିବେ । **ପଛେ-ପଛେ ପୁନରାବୃତ୍ତି କରିବେ ନାହିଁ** ।
- ମାତ୍ରାକ୍ଷରର ଏକକ ପଢ଼ିବା ପରେ, ଶିକ୍ଷକ ସେହି ଏକକକୁ ପୁଣି ଥରେ ପଢ଼ି ଶୁଣାଇବେ । ଏହି ଥର ପିଲାମାନେ ନିଜ-ନିଜର ମାତ୍ରାକ୍ଷର କାର୍ଡ ଉପରେ ଅଙ୍ଗୁଳି ଚାଳନା କରିବେ ।
- ପିଲାମାନଙ୍କୁ ଛୋଟ-ଛୋଟ ଦଳରେ ମାତ୍ରାକ୍ଷର ପଠନ କରିବାର ଅଭ୍ୟାସ କରିବାକୁ କୁହନ୍ତୁ ।
- **"ଏବେ କିଏ ପଢ଼ିବ ?"** କହି ପ୍ରତିଦିନ ଅଲଗା-ଅଲଗା (୩ - ୪) ପିଲାଙ୍କୁ ପଢ଼ିବାର ସୁଯୋଗ ଦିଅନ୍ତୁ ଏବଂ ପଢ଼ିବା ପରେ ସେମାନଙ୍କୁ ସାବାସୀ ମଧ୍ୟ ଦିଅନ୍ତୁ । ମାତ୍ରାକ୍ଷରର ପୁରା ଧାଡି ପଢ଼ାଇବା ପରେ ପିଲାଙ୍କୁ ମଝି-ମଝିରୁ ନିଶ୍ଚୟ ପଚାରନ୍ତୁ, ଯେପରି - 'ଚ'ର ଧାଡିରେ 'ଚା' କେଉଁଠି ଅଛି, 'ଚୀ' କେଉଁଠି ଅଛି, 'ଚେ' କେଉଁଠି ଅଛି ଆଦି ।
- ବଡ ବା ଛୋଟ ଦଳରେ ମାତ୍ରାକ୍ଷର କାର୍ଡରୁ ମଝି-ମଝିରୁ ଯେକୌଣସି ଏକକ କୁହନ୍ତୁ, ପିଲାମାନେ ନିଜ କାର୍ଡରୁ ତାହାକୁ ଖୋଜିବେ, ସେହି ଏକକକୁ ଚଟାଣ/ଖାତାରେ ଲେଖିବେ ଏବଂ ପଢ଼ିକରି ମଧ୍ୟ କହିବେ । (କିଛି ଦିନ ପରେ ଶିକ୍ଷକ କିଛି ଶବ୍ଦ ବା ବସ୍ତୁର ନାମ କହିବେ । ପିଲାମାନେ ମାତ୍ରାକ୍ଷରରୁ ଖୋଜିବେ,ଲେଖିବେ ଓ ପଢ଼ିବେ ।)
- ଏବେ ପିଲାମାନଙ୍କୁ ମଝି-ମଝିରୁ ଉପରୁ ତଳକରି ମାତ୍ରାକ୍ଷରକୁ ପଢ଼ାନ୍ତୁ ଯେପରି - କା,ପା,ନା,ରା,ବା, ଏବଂ ଦି,କି,ଚି ଆଦି ।
- ଧ୍ୱନିର ଖେଳ ଏକାଭଳି ଶବ୍ଦ ଅର୍ଥାତ୍ ମିଶୁଥିବା ଶବ୍ଦଗୁଡିକ ସହିତ ମଧ୍ୟ କରାନ୍ତୁ ଯେପରି - ଧାରା, ପାରା, ସାରା,ଖାରା, ବା ମୋର, ତୋର, ଚୋର, ଘୋର ଆଦି ।
- ଶିକ୍ଷକ ମାତ୍ରାକ୍ଷରର ଅଲଗା-ଅଲଗା ସ୍ୱର/ଧ୍ୱନିକୁ କଳାପଟାରେ ଲେଖିବେ । ପିଲାମାନେ ସେଥିରେ ନୂଆ-ନୂଆ ସ୍ୱର/ଧ୍ୱନି ଯୋଡିକରି ଶବ୍ଦ ତିଆରି କରିବେ । ଯେପରି -


| | | | |
|---|---|---|---|
| **ପା** | ଲ | - | ପାଲ |
| **ଜା** | ର | - | ଜାର |
| **କା** | ର | - | କାର |

| | | | |
|---|---|---|---|
| **ନୋ** | ଟ୍ | - | ନୋଟ୍ |
| **ଲୋ** | କ | - | ଲୋ କ |
| **ମୋ** | ର | - | ମୋର |

# ଲିଖନ


କିଛି ଲୋକ ଏହା ମାନନ୍ତି ଯେ ପିଲାଙ୍କଠାରେ ପ୍ରଥମେ ପଢିବା କ୍ଷମତାର ବିକାଶ ହେବା ଆବଶ୍ୟକ ତାପରେ ଲିଖନର କ୍ଷମତା ।

କିନ୍ତୁ ଥରେ ଚିନ୍ତାକଲେ କଣ ବାସ୍ତବରେ ଏପରି ହୋଇଥାଏ ? ସର୍ବଦା ପିଲାଙ୍କ ଘରର କାନ୍ଥରେ ଚିତ୍ର ବା ତେଡା-ମେଡା ଗାର ଟଣାହୋଇଥିବାର ଦୃଷ୍ଟି ଗୋଚର ହୋଇଥାଏ । ଏହି ତେଡା-ମେଡା ଗାରଗୁଡିକ ବାସ୍ତବରେ ସେମାନଙ୍କ ଚିନ୍ତାଧାରା ହିଁ ହୋଇଥାଏ । ଏହି ଅଭିବ୍ୟକ୍ତି ଆଗକୁ ଯାଇ ଅର୍ଥପୂର୍ଣ୍ଣ ହୋଇଯାଇଥାଏ । ଏଥିପାଇଁ ଆବଶ୍ୟକ ଅଟେ ଯେ ପିଲାଟି ପଢିବା ସହିତ ନିଜର ବିଚାର ବ୍ୟକ୍ତ କରିବା ଶିଖୁ ଏବଂ ତାକୁ କାଗଜରେ ଲେଖୁ ।

**ରାନୀ କିଛି ଅକ୍ଷର ଚିହ୍ନି ପାରୁଛି । ମାତ୍ରାକ୍ଷର ସହ ତାର କିଛି ପରିଚୟ ଅଛି । ମୁଁ ରାନୀକୁ କିଛି ମଧ୍ୟ ଚିନ୍ତା କରିବାକୁ କହିଲି । ସେ ଟିକେ କୁଣ୍ଠାବୋଧ କଲା । "ମୋତେ କ'ଣ କରିବାକୁ ହେବ ? ମୋତେ କିଛି ଲେଖିବା ଆସେନାହିଁ ।" କିଛି ସମୟ ପର୍ଯ୍ୟନ୍ତ ତାକୁ ପ୍ରେରିତ କରିବା ପରେ ସେ ଲେଖିଲା -** 

**ଏହା ଭୁଲ୍ ଅଟେ । ସେ ତୁରନ୍ତ କହିଲା । "କାରଣ ମୋ ଆଙ୍ଗୁଳି ଆଗକୁ ବଢୁ ନାହିଁ ।" "କାହିଁକି ?" ମୁଁ ପଚାରିଲି ।**

**ମୁଁ ତାକୁ କହିଲି ସେ ଯାହା ଲେଖିଛ ତାକୁ ଧିରେ ଧିରେ କୁହ ଏବଂ ସେ ସେହିଭଳି କଲା । ପୁଣି ମୁଁ କହିଲି ଯାହା ତୁମେ ଲେଖିଛ ତାହାକୁ ମାତ୍ରାକ୍ଷରରେ ଖୋଜି ଦେଖାଅ ।**




**ଧିରେ ଧିରେ ସେ ଲେଖିବା ଆରମ୍ଭ କଲା -**

**(୧) ଚର୍ଚ୍ଚା କରିବା :-** ପିଲାଙ୍କୁ ଯେକୌଣସି ବିଷୟ ଉପରେ, କୌଣସି ସ୍ଥିତି ଉପରେ ବା କୌଣସି ଚିତ୍ର କାର୍ଡର ସହାୟତାରେ କଥାବାର୍ତ୍ତା କରନ୍ତୁ । ଆଲୋଚନା କର ଯେଉଁଥିରେ ପିଲା ନିଜେ ନିଜେ ସାମିଲ ହେବେ ।

ଏବେ ପିଲାଙ୍କୁ ଲେଖିବାକୁ କୁହ, ଯେପରି :

**ପ୍ରାରମ୍ଭିକ ସ୍ତର -** ଯେଉଁ ବିଷୟ ଉପରେ କଥାବାର୍ତ୍ତା ହୋଇଛି ତାକୁ ନିଜ ହିସାବରେ କାଗଜ, କଳାପଟା ବା ଚଟାଣରେ ଲେଖିବାକୁ କୁହନ୍ତୁ । ପିଲାଟି ଚିତ୍ର ତିଆରି କରୁ ବା କିଛି ବି ଲେଖି ପାରେ, ଶିକ୍ଷକ ପିଲାଙ୍କୁ ନିଶ୍ଚୟ ପଚାରନ୍ତୁ ଯେ **ସେ କଣ ଲେଖିଛି ବା ତିଆରି କରିଛି ?**

**ଅକ୍ଷର ସ୍ତର -** କଥାବାର୍ତ୍ତା ପରେ ପିଲାଙ୍କୁ ସେମାନଙ୍କ ମନରୁ କିଛି ମଧ୍ୟ ଲେଖିବାକୁ କୁହନ୍ତୁ । ଯଦି ପିଲାମାନେ ଲେଖିବାରେ ଭୁଲ କରୁଛନ୍ତି ତେବେ ତାକୁ ଦ୍ୱିତୀୟ ଥର ପଢିବାକୁ କୁହନ୍ତୁ ଏବଂ ମାତ୍ରାକ୍ଷର ସାହାଯ୍ୟରେ ଠିକ୍ କରାନ୍ତୁ ।

**ଶବ୍ଦ ସ୍ତର -** ପିଲାମାନଙ୍କୁ ଯେକୌଣସି ବିଷୟ ଉପରେ କିଛି ବାକ୍ୟ ଲେଖିବାକୁ କୁହନ୍ତୁ । ପିଲାମାନେ ଲେଖୁଥିବା ସମୟରେ ବାକ୍ୟ ସଂରଚନା, ମାତ୍ରା ଓ ବିରାମ ଚିହ୍ନର ଭୁଲ ଅଧିକ କରିଥାନ୍ତି । ଏହି ପିଲାମାନଙ୍କୁ ଉଚ୍ଚାରଣ ମାଧ୍ୟମରେ ଭୁଲକୁ ଠିକ୍ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ । ଏହାପରେ ମଧ୍ୟ ଯଦି ଠିକ୍ କରି ପାରୁନାହାନ୍ତି ତେବେ ମାତ୍ରାକ୍ଷରର ସାହାଯ୍ୟ ନେଇ ଠିକ୍ କରିବାକୁ କୁହନ୍ତୁ ।

ପ୍ରଥମ

ମୋ ନାମ ରୂପା ଅଟେ ।
ମୋର ଜିଲାପି ଭାରି ପସନ୍ଦ ।
ମୋ ବାପା ଜିଲାପି ଆଣନ୍ତି ।
ମୁଁ ଖୁସିରେ ଜିଲାପି ଖାଏ ।

ବର୍ଷା ଋତୁ ଆସିଲା ।
ବହୁତ ଖୁସି ଆଣିଲା ।
ପାଣିରେ ଆମେ ଖେଳିବୁ ।
ଗରମ-ପକୁଡ଼ି ଖାଇବୁ ।

ପ୍ରଥମ

ସୂର୍ଯ୍ୟ ଉଦୟ ହେଲେ ।
ଚାରିଆଡ଼େ ଆଲୋକ ଖେଳିଗଲା ।
ସମସ୍ତେ ନିଜ କାମରେ ଲାଗିଗଲେ ।
ପିଲାମାନେ ସ୍କୁଲ ବାହାରିଲେ ।

ଗୋଟିଏ ବଡ଼ ବଗିଚା ଅଛି ।
ସେଠାରେ ବହୁତ ଗଛ ଲାଗିଛି ।
ଗଛରେ ଫଳ ଫଳିଛି ।
କିଛି ସାଗୁଆ ଓ କିଛି ହଳଦିଆ ଦେଖାଯାଉଛି ।

ପ୍ରଥମ

ଚାରିଆଡେ ବହୁତ ଗଛ ରହିଛି ।
ଗଛରେ ଚଢ଼େଇ ରୁହେ ।
ଚଢ଼େଇ ଦାନା ଖୁଣ୍ଟି ଖାଏ ।
ସେ ନଦୀରୁ ପାଣି ପିଏ ।

ମନୋଜ ନାମକ ଏକ ପିଲା ଅଛି ।
ନଦୀ କୂଳରେ ତାର ଘର ଅଛି ।
ସେ ସବୁଦିନ ନଦୀରେ ଗାଧାଏ ।
ପାଣିରେ ପହଁରିବାକୁ ତାକୁ ଭଲ ଲାଗେ ।

ପ୍ରଥମ

ସମୀର ନାମକ ପିଲାଟିଏ ।
ସବୁଦିନ ସେ ସ୍କୁଲ ଯାଏ ।
ନୂଆ ନୂଆ କାହାଣୀ ପଢ଼େ ।
ସମସ୍ତଙ୍କୁ କାହାଣୀ ଶୁଣାଏ ।

ମୁଁ ଏକ ଛୋଟ ପ୍ରଜାପତି ।
ମୋତେ ଫୁଲ ରସ ପସନ୍ଦ ।
ଫୁଲରୁ ଫୁଲକୁ ଉଡ଼ିଥାଏ ।
କାହାରିକୁ ମୁଁ ଧରା ନ ଦିଏ ।

ପ୍ରଥମ

ଗାଁରେ ବହୁତ ମୟୂର ଅଛନ୍ତି ।
ମୟୂର ପୁଚ୍ଛ ବହୁତ ସୁନ୍ଦର ।
ଯେବେ କଳାମେଘ ଆସିଥାଏ,
ମୟୂର ପୁଚ୍ଛ ମେଲାଇ ନାଚିଥାଏ ।

ସୁମନ ନାମକ ଛୋଟ ଝିଅଟିଏ ।
ସକାଳୁ ଉଠି ସେ ମୁହଁ ଧୁଏ ।
ଜଳଖିଆ ଖାଇ ସ୍କୁଲ ଯାଏ ।
ସନ୍ଧ୍ୟାରେ ସେ ଖେଳିଥାଏ ।

ପ୍ରଥମ

ସୋନୀ ଅଗଣାରେ ଖେଳୁଥିଲା ।
ଗୋଟିଏ ପରୀ ଆକାଶରୁ ଆସିଲା ।
ସୋନୀକୁ ଆକାଶକୁ ନେଇଗଲା ।
ଦୁହେଁ ଆକାଶରେ ମିଶି ଖେଳିଲେ ।

ବହୁତ ସୁନ୍ଦର ପାଗ ହୋଇଛି ।
କୋଇଲି କୁହୁ-କୁହୁ ଗାଉଛି ।
ତାର ରଙ୍ଗ କଳା ଅଟେ ।
ସେ ସବୁଦିନ ଗୀତ ଗାଇଥାଏ ।

ପ୍ରଥମ

ବାପା ବଣକୁ ଯାଆନ୍ତି ।
ବଣରୁ କାଠ ଆଣନ୍ତି ।
କାଠକୁ ବଜାରରେ ବିକନ୍ତି ।
ମୋ ପାଇଁ ନୂଆ ବହି ଆଣନ୍ତି ।

ମୋ ଦାଦା କୃଷକ ଅଟନ୍ତି ।
ବିଲରେ ଧାନ ଚାଷ କରନ୍ତି ।
ସକାଳୁ ବିଲକୁ ଯାଆନ୍ତି ।
ଦିନସାରା ସେଠାରେ ରୁହନ୍ତି ।

ପ୍ରଥମ

ସକାଳୁ ବହୁତ ବର୍ଷା ହେଲା ।
ଧାନ ବିଲରେ ପାଣି ଭରିଗଲା ।
ଫସଲ ସବୁଜ ଦେଖାଗଲା ।
କୃଷକ ବହୁତ ଖୁସି ହେଲା ।

ରାଜୁ ଘରେ ଗୋଟିଏ ଗାଈ ଅଛି ।
ତାର ରଙ୍ଗ କଳା ଅଟେ ।
ରାଜୁ ତାକୁ ଘାସ ଖୁଆଏ ।
ସେ ସବୁଦିନ କ୍ଷୀର ଦିଏ ।

ପ୍ରଥମ

ବସନ୍ତ ଋତୁ ଆସିଲା ।
ରଙ୍ଗ-ବେରଙ୍ଗ ଫୁଲ ଫୁଟିଲା ।
ଫୁଲରେ ମହୁମାଛି ବସିଲା ।
ଫୁଲରୁ ମହୁ ସଂଗ୍ରହ କଲା ।

ମିନୁର ଘର ବହୁତ ବଡ଼ ଅଟେ ।
ଘର ପାଖରେ ଏକ ବଗିଚା ଅଛି।
ସେଠାରେ ବହୁତ ଫୁଲ ଫୁଟିଛି ।
ଫୁଲରେ ଭଅଁର ଆସି ବସିଛି ।

ପ୍ରଥମ

ଆମ ଗାଁରେ ଏକ ପୋଖରୀ ଅଛି ।
ଏହା ବହୁତ ସୁନ୍ଦର ଓ ବଡ଼ ଅଟେ ।
ଏହାର ଚାରିକଡ଼େ ଫୁଲଗଛ ଲାଗିଛି ।
ସେଥିରେ ବହୁତ ମାଛ ଅଛନ୍ତି ।

ପାହାଡ଼ ଉପରେ ଏକ ଗଛ ଅଛି ।
ଗଛର ବହୁତ ଶାଖା ରହିଛି ।
ଗୋଟିଏ ଶାଖାରେ ଏକ ଚଢ଼େଇ ବସା ଅଛି ।
ଚଢ଼େଇ ବସାରେ ଗୋଟିଏ ଅଣ୍ଡା ଅଛି ।

ପ୍ରଥମ

ଆମ ଗାଁରେ ଗୋଟିଏ ଘୋଡ଼ା ଅଛି ।
ତାର ରଙ୍ଗ ଧଳା ଅଟେ ।
ସେ ବହୁତ ଜୋରରେ ଦୌଡ଼ିଥାଏ ।
ସେ ବହୁତ କାମରେ ଆସିଥାଏ ।

ଆକାଶରେ ତାରା ଝିଲମିଲ୍ କରୁଛି ।
ଦିନରେ ତାରା ଲୁଚି ଯାଉଛି ।
ରାତି ହେଲେ ବାହାରି ଆସୁଛି ।
ତାରା ସହିତ ଜହ୍ନ ମଧ୍ୟ ଦେଖା ଦେଉଛି ।

ପ୍ରଥମ

ମୋତେ ଗୁଡ଼ି ଉଡ଼ାଇବାକୁ ଭଲ ଲାଗେ ।
ଯେବେ ଜୋରରେ ପବନ ବହେ,
ମୋ ଗୁଡ଼ି ବହୁତ ଉଚ୍ଚରେ ଉଡ଼ିଥାଏ ।
ମୋତେ ବହୁତ ମଜା ଲାଗେ ।

ମୁଁ ମାଉସୀ ଘରକୁ ଗଲି ।
ମୋତେ ଦେଖି ସେ ଖୁସି ହେଲେ ।
ପୋଡ଼ପିଠା କରି ଖୁଆଇଲେ ।
ନୂଆ ସାର୍ଟ ପ୍ୟାଣ୍ଟ କିଣିଦେଲେ ।

ପ୍ରଥମ

ରଘୁ ଭାଇ ଅଟୋ ନେଇ ଆସିଲେ ।
ଆମେ ସେଥିରେ ବସିଲୁ ।
ଦିନସାରା ସହର ବୁଲିଲୁ ।
ସନ୍ଧ୍ୟାରେ ଘରକୁ ଫେରିଲୁ ।

ଗାଁକୁ ଗୋଟିଏ ସାପୁଆ ଆସିଲା ।
ନିଜ ସାଥିରେ ସାପ ଆଣିଥିଲା ।
ସାପୁଆ ବିନ୍ ବଜାଇଲା ।
ଧୁନ୍‌ରେ ସାପ ବହୁତ ନାଚିଲା ।

ପ୍ରଥମ

ଆଜି ଆମେ ଏକ ଚାରା ଲଗାଇଲୁ ।
ସବୁଦିନ ଆମେ ପାଣି ଦେବୁ ।
ସେଥିରେ କିଛି ସାର ମଧ୍ୟ ଦେବୁ ।
ଆର ବର୍ଷକୁ ତାହା ଗଛ ହୋଇଯିବ ।

ଗାଁ ବାହାରେ ଆମର କ୍ଷେତ ଅଛି ।
ଆମେ କ୍ଷେତରେ ଆଖୁ ଲଗାଇଲୁ ।
ଆଖୁ ବହୁତ ବଡ଼-ବଡ଼ ହେଇଛି ।
ବାପା ଆଖୁକୁ ଚିନିକଳକୁ ପଠାଇଲେ ।

ଗ୍ରୀଷ୍ମ ଋତୁ ଆସିବ ।
ବହୁତ ଗରମ କରିବ ।
ଏବେ ପଙ୍ଖା ସବୁଦିନ ବୁଲିବ ।
କିଛି ଲୋକ କୁଲର ମଧ ଲଗାଇବେ ।

ଆଜି ମେଘ ଘୋଟିଅଛି ।
ବୋଧହୁଏ ବର୍ଷା ହେବ ।
ଆମେ ସବୁ ବର୍ଷାରେ ଗାଧୋଇବୁ ।
କାଗଜ ଡଙ୍ଗା ଭସାଇବୁ ।

ପ୍ରଥମ

ଆଜି ରାହୁଲ ବହୁତ ଖୁସି ଅଛି ।
ସ୍କୁଲରେ ଆଜି ତାର ପ୍ରଥମ ଦିନ ।
ଦିଦି,ଆମ ସହିତ ତାର ପରିଚୟ କରାଇଲେ
ଶ୍ରେଣୀରେ ଏବେ ସେ ଆମ ସାଙ୍ଗ ହୋଇଗଲା ।

ଭାଲୁ ନାଚ ଦେଖାଇଲା ।
ବାଘକୁ ବହୁତ ରାଗ ଲାଗିଲା ।
ହାତୀ ତାକୁ ବୁଝାଇଲା ।
ସମସ୍ତେ ମିଶି ଗୀତ ଗାଇଲେ ।

ପ୍ରଥମ

ମୋ ପାଖରେ ଗୋଟିଏ ବହି ଅଛି ।
ସେଥରେ ସୁନ୍ଦର କାହାଣୀ ରହିଛି ।
ମୁଁ ସବୁଦିନ କାହାଣୀ ପଢ଼େ ।
ମୋ ଆଈ ମଧ କାହାଣୀ ପଢ଼େ ।

ନଦୀ କୂଳରେ ଗୋଟିଏ କୁଡ଼ିଆ ଅଛି ।
କୁଡ଼ିଆରେ ବୁଢୀ ଜେଜେମାଆ ରହୁଛି ।
ତାକୁ ବହୁତ କାହାଣୀ ଆସେ ।
ସେ ସମସ୍ତଙ୍କୁ କାହାଣୀ ଶୁଣାଏ ।

ପ୍ରଥମ

ମୋ ଗାଁ ବହୁତ ସୁନ୍ଦର ।
ଚାରିଆଡେ ଗଛ-ଲତା ରହିଛି ।
ଗାଁରେ ଗୋଟିଏ ପୋଖରୀ ମଧ ଅଛି ।
ପୋଖରୀରେ ବହୁତ ମାଛ ଅଛି ।

ରୋଷେଇ ଘରେ ଗୋଟିଏ ଝରକା ଅଛି ।
ସେଥିରୁ ଆଲୁଅ ଓ ପବନ ଆସିଥାଏ ।
ଯେତେବେଳେ ଝରକା ଖୋଲାଯାଏ ।
ରୋଷେଇଘର ଗରମ ଲାଗେ ନାହିଁ ।

ପ୍ରଥମ

ମୀନା ବହୁତ ଭଲ ଝିଅ ଅଟେ ।
ତାକୁ ସେଓ ବହୁତ ପସନ୍ଦ ଅଟେ ।
ସେ ଗୁରୁଜନଙ୍କୁ ସମ୍ମାନ ଦିଏ ।
ସାନମାନଙ୍କୁ ସ୍ନେହ ଦିଏ ।

ସ୍କୁଲରେ ଖାଇବା ଛୁଟି ହେଲା ।
ଟିନା ଆଳୁ ପରଟା ଆଣିଥିଲା ।
ମୀନା ରୁଟି ଓ ମିଠା ଆଣିଥିଲା ।
ଦୁହେଁ ମିଳିମିଶି ଖାଇଲେ ।

ପ୍ରଥମ

ଗାଁ ପାଖରେ ଏକ ଜଙ୍ଗଲ ଅଛି ।
ଦିନେ ସେଠାରୁ ବାଘ ଗାଁକୁ ଆସିଲା ।
ସମସ୍ତେ ଘରେ ଲୁଚିଗଲେ ।
କିଛି ସମୟ ପରେ ବାଘ ଚାଲିଗଲା ।

ଭାଇ ଦୋଳି ବାନ୍ଧି ଦେଲେ ।
କମଳା ସେଥିରେ ଝୁଲିବାକୁ ଲାଗିଲା ।
ଅଚାନକ ଦଉଡ଼ି ଛିଡ଼ିଗଲା ।
କମଳା ତଳେ ପଡ଼ିଗଲା ।

ପ୍ରଥମ

ଦିଲ୍ଲୁ ସ୍କୁଲରୁ ଘରକୁ ଫେରୁଥିଲା ।
ସେ ଏକ ଭାଲୁ ଦେଖିଲା ।
ସେ କିଛି ସମୟ ଭାଲୁର ନାଚ ଦେଖିଲା ।
ଘରକୁ ଫେରି ମାଆକୁ କହିଲା ।

ରାତିର ସମୟ ଥିଲା ।
ଚାରିଆଡ଼ ଶୁନଶାନ ରହିଥିଲା ।
ଅଚାନକ କିଛି ଶବ୍ଦ ଶୁଣାଗଲା ।
ମୂଷା କାଗଜ ଟିକ୍-ଟିକ୍ କରୁଥିଲା ।

ପ୍ରଥମ

ଚିକୁ ଗୋଟିଏ ବିଲେଇ ପୋଷିଛି ।
ତାର ନାମ ରାଣୀ ଅଟେ ।
ସେ ରାଣୀ ସହିତ ଖେଳେ ।
ରାଣୀ ରାତିରେ ଚିକୁ ପାଖରେ ଶୁଏ ।

ବହୁତ ଗରମ ହେଉଛି ।
ମାଆ ଦିନରେ ଖେଳିବାକୁ ଛାଡୁନି ।
ଆମେ ସବୁ ଦିନବେଳା ଶୋଇପଡୁ ।
ସନ୍ଧ୍ୟା ହେଲେ ଖେଳିବାକୁ ଯାଉ ।

ପ୍ରଥମ

ଆମ ସାହିରେ ଗୋଟିଏ ପିଲା ଅଛି ।
ସବୁବେଳେ ସେ ପ୍ରଶ୍ନ ପଚାରୁଥାଏ ।
ସବୁକଥା ଜାଣିବାକୁ ଚାହେଁ ।
ତାର ପ୍ରଶ୍ନ ବହୁତ ମଜାଳିଆ ହୋଇଥାଏ ।

ମୀରା ସ୍କୁଲ ଯାଉଥିଲା ।
ରାସ୍ତାରେ ପାଣି ଜମା ହେବାର ଦେଖିଲା ।
ସେ ସେଠାରେ କିଛି ଇଟା ରଖିଦେଲା ।
ଲୋକମାନେ ସହଜରେ ଯାଇପାରିଲେ ।

ପ୍ରଥମ

ଘର ପାଖରେ ଗୋଟିଏ ବଗିଚା ଅଛି ।
ବଗିଚାରେ ବହୁତ ଦୋଳି ଲାଗିଛି ।
ସମସ୍ତେ ମିଳିମିଶି ଦୋଳି ଖେଳନ୍ତି ।
ବଗିଚାକୁ ମଧ୍ୟ ସଫା ରଖନ୍ତି ।

ଆଜି ଗାଁକୁ ଏକ ହାତୀ ଆସିଲା ।
ତା ପିଠିରେ ଗଦି ପଡ଼ିଥିଲା ।
ପିଲାମାନେ ହାତୀ ଉପରେ ବସିଲେ ।
ସମସ୍ତଙ୍କୁ ମଜା ଲାଗିଲା ।

ପ୍ରଥମ

ହାତୀ ଏବଂ ବଳଦ ସାଙ୍ଗ ଥିଲେ ।
ଦୁହେଁ ଜଙ୍ଗଲ ବୁଲିବାକୁ ଗଲେ ।
ସେଠାରେ ଏକ ବାଘ ଦେଖାଗଲା ।
ହାତୀକୁ ଦେଖି ବାଘ ପଳାଇଗଲା ।

ଜୀବନ ପାଖରେ ଗୋଟିଏ ଛତା ଅଛି ।
ସେ ତାକୁ ସବୁବେଳେ ବ୍ୟାଗରେ ରଖେ ।
ତାହାର ରଙ୍ଗ ଲାଲ ଓ ସବୁଜ ଅଟେ ।
ଛତା ଖରା ଓ ବର୍ଷାରୁ ରକ୍ଷା କରେ ।

ପ୍ରଥମ

ପାଚିଲା ଟମାଟୋ ଲାଲ ଦେଖାଯାଏ ।
ବାପା ଟମାଟୋ ଚାଷ କରିଛନ୍ତି ।
ଏହା ଦେହ ପାଇଁ ବହୁତ ଭଲ ଅଟେ ।
ମୋତେ ଟମାଟୋ ଚଟଣୀ ଭଲ ଲାଗେ ।

ମୋ ଘରେ ଗୋଟିଏ ଘଣ୍ଟା ଅଛି ।
ତାହା କାନ୍ଥରେ ଟଙ୍ଗା ହୋଇଛି ।
ସେ ଟିକ୍-ଟିକ୍ କରି ଚାଲେ ।
ସେଥିରେ ଘଣ୍ଟା ମଧ୍ୟ ବାଜିଥାଏ ।

ପ୍ରଥମ

ଜେଜେ-ମାଆ ଆମ ସାଥିରେ ରୁହନ୍ତି ।
ମୁଁ ତାଙ୍କୁ ବହୁତ ପ୍ରଶ୍ନ ପଚାରେ ।
ସେ ମୋତେ କାହାଣୀ ଶୁଣାନ୍ତି ।
ମୋତେ କାହାଣୀ ଭଲ ଲାଗେ ।

ମୋ ଘରେ ଗୋଟିଏ ଠେକୁଆ ଅଛି ।
ମୁଁ ତା ପାଇଁ ଏକ ଘର ତିଆରି କଲି ।
ଘରଟି କାଠରେ ତିଆରି ହୋଇଛି ।
ସେଥିରେ ଛୋଟ କବାଟ ଲାଗିଛି ।

ପ୍ରଥମ

ଗୋଟିଏ ବଡ଼ ବଗିଚା ଅଛି ।
ବଗିଚାରେ ବହୁତ ଗଛ ଅଛି ।
ଗଛରେ ଫଳ ଫଳିଛି ।
କିଛି ଫଳ ମିଠା ଓ କିଛି ଖଟା ।

ବାପା ପଞ୍ଜୁରୀରେ ଗୋଟିଏ ଶୁଆ ଆଣିଲେ ।
ଶୁଆଟି ପଞ୍ଜୁରୀରେ ମନଦୁଃଖରେ ରହୁଥିଲା ।
ଏହା ଦେଖି ବାପା ପଞ୍ଜୁରୀ ଖୋଲିଦେଲେ ।
ସେ ଅଗଣାରେ ଖୁସୀରେ ବୁଲିବାକୁ ଲାଗିଲା ।

ପ୍ରଥମ

ରାଜେଶ ପାଖରେ ଗୋଟିଏ ସାଇକେଲ୍ ଅଛି ।
ସାଇକେଲ୍‌ର ଗୋଟିଏ ଘଣ୍ଟି ମଧ୍ୟ ଅଛି ।
ଯେତେବେଳେ କିଏ ସାମନାକୁ ଆସେ ।
ସେ ସାଇକେଲ ଘଣ୍ଟି ବଜାଏ ।

ଚକା ଚକା ଭଉଁରୀ,
ମାମୁଘର ଚଉଁରୀ,
ମୋ ନାଆଁଟି ସଉରୀ,
ତୁମ ନାଆଁଟି ଗଉରୀ ।

ପ୍ରଥମ

ଭାଇ ମୋତେ ଗପ କହେ ।
ତାକୁ ବହି ପଢ଼ି ଆସେ ।
ମୁଁ ପଢ଼ା ଶିଖୁଛି ।
ଆଙ୍ଗୁଠି ରଖି ପଢୁଛି ।

ଭୋ ଭୋ କୁକୁର ଭୁକେ,
ହୁକେ ହୋ ବିଲୁଆ ଡାକେ ।
କିଚିରି ମିଚିରି ଘରଚଟିଆ,
ଫୁର୍ ଫୁର୍ ଉଡ଼େ କଳାମାଟିଆ ।

ଆସ ବୈଠକ ଘରେ ବସିବା ।
ଖବର କାଗଜ ପଢ଼ିବା ।
ଅନେକ ଖବର ଜାଣିବା ।
ବେଳ ହେଲେ ପାଠଶାଳା ଯିବା ।

ମନ ଲଗାଇ ପଢ଼ିବା ପାଠ,
ହସି ହସିକା ଚାଲିବା ବାଟ ।
ପଣସ ରସ ଲାଗଇ ମିଠା,
ମା ଛାଣିଛି କାକରା ପିଠା ।

ରଂଗ ବେରଂଗ ପରଜାପତି,
ଫୁଲରୁ ଫୁଲକୁ ଉଡ଼ିବୁଲେ ।
ଫୁଲସହ ଖେଳେ,
ବେଳବୁଡ଼ିଲେ ଫେରିଯାଏ ।

ଆମ ଘରେ ଶୁଆଟିଏ ଅଛି ।
ତା'ର ନାମ ମିଟୁ ।
ସେ ପିଜୁଳି ଖାଏ ।
ସକାଳୁ ରାମ ରାମ କହେ ।

ପ୍ରଥମ

ଆମ ଘରେ ଶୁଆଟିଏ ଅଛି ।
ତା'ର ନାମ ମିଟୁ ।
ସେ ପିଜୁଳି ଖାଏ ।
ସକାଳୁ ରାମ ରାମ କହେ ।

ଫୁଲରେ ମହୁ ଥାଏ ।
ଏହା ବହୁତ ମିଠା ଅଟେ ।
ମହୁ ଖାଇଲେ ବଳ ହୁଏ ।
ଏହା ରୋଗକୁ ଦୂରେଇ ଦିଏ ।

ପ୍ରଥମ

ରାତି ପାହିଲା, ସକାଳ ହେଲା,
କୁନା ନିଦରୁ ଉଠିଲା ।
ପାଟି ସଫା କରି ଚୁଡ଼ା ଖାଇଲା,
ତା'ପରେ ପାଠ ପଢ଼ିଲା ।

ଆମେ ଯେତକ କୁନିକୁନି,
ଭିତରେ ଆମ ହସମୁଣି ।
ଆମେ ବାହାରିଲୁ ନୂଆ ଦେଶ,
ସାଥିରେ ଯିବ ତ ଚାଲି ଆସ ।

ପ୍ରଥମ

ଆମେ ଯେତକ କୁନିକୁନି,
ଭିତରେ ଆମ ହସମୁଣି ।
ଆମେ ବାହାରିଲୁ ନୂଆ ଦେଶ,
ସାଥିରେ ଯିବ ତ ଚାଲି ଆସ ।

ନୀଳ ଆକାଶ ବଉଦ ତଳେ,
ଡେଣାଟି ଝାଡ଼ି ପକ୍ଷୀଟି ଉଡେ,
ଗଛ ଶାଖାରେ ସାଥୀଙ୍କ ମେଳେ,
କାଠିକୁଟାରେ ବସାଟି ତୋଳେ ।

ପ୍ରଥମ

କୃଷକ ଭାଇ କୃଷକ ଭାଇ,
କୃଷି କାମ କର ମନ ଲଗାଇ ।
ଦେଶର ଅଭାବ ଯିବ ଦୂରେଇ,
ଭୋକିଲା କେହି ରହିବେ ନାହିଁ ।

ଝୁମ୍ ଝୁମ୍ ଝୁମ୍ ତାଳ ପକାଇ,
ଭାଲୁ ନାଚ କରେ ବାଜା ବଜାଇ,
ଥିଲେ ସେଠି ଯେତେ ଦେଖଣାହାରୀ,
ନାଚ ଦେଖି ସବୁ ମାରିଲେ ତାଳି ।

ଆସରେ ଆସ ଏ ଧରା ଶିଶୁ ,
ଗାଇବା ମିଶି ଗୀତ ,
ଉପରେ ଥାଇ ଗଗନ ଶୁଣେ ,
ବିଛାଇ ନୀଳ ଛାତ ।

ପାଣି ଭିତରେ ମାଛ ଖେଳେ,
ଆକାଶେ ଉଡ଼େ ପକ୍ଷୀ,
କେଡ଼େ ଯତନେ ମହୁଫେଣାଟି,
ତିଆରି କରିଛି ମହୁମାଛି ।

ଧୋଇବା ହାତ ଖାଇବା ଭାତ ।
ବଇଦ କହେ ଏକଥା ସତ ।
ଦୋଳରେ ଫଗୁ ହୋଇବ ଖେଳ ।
ଲୋକ ଆସିବେ ମେଳକୁ ମେଳ ।

ଫଳ ଖାଇବା ଦେହକୁ ହିତ,
ଖାଇବା ଆଗରୁ ଧୋଇବା ହାତ,
ମୋତେ ସେଓ ଭଲ ଲାଗେ ।
ବାପା କାଲି ସେଓ ଆଣିଥିଲେ ।

ପ୍ରଥମ

କଇଁଛ ଗୋଟିଏ ଛୋଟ ଜୀବ ।
ସେ ପାଣିରେ ରହେ ।
ତା'ର ପିଠିଟି ଟାଣ ।
ସେ ଧୀରେ ଧୀରେ ଚାଲେ ।

କିଏ ସେ କଲା କେମିତି କଲା,
କାହିଁକି ଅବା କଲା,
ଏତେ ବଡ ଆକାଶ ଦେହେ,
କେତେ ଯେ ରଂଗ ଦେଲା ।

ପ୍ରଥମ

ଗଛ କାଟିନେଲେ ମିଳେ ସିନା,
କିଛି ଦିନର ଜାଳେଣି ।
ଗଛର ବିନାଶ ଡାକି ଆଣେ,
ଜୀବନ ସାରାର ଭାଳେଣୀ ।

ତାରା ତ ତାରା ସରଗ ତାରା,
କେଉଁ ତାରା ସେ କହ ।
ଅତି ନିକଟେ ଥାଇ ଆମର,
ତତେଇ ପାରେ ଦେହ ।

ପ୍ରଥମ

ସବୁଜ ଧରଣୀ ଅଟେ ମା'ପରି,
ରଖ ତାକୁ ସୁଶୋଭିତ ।
ଥରେ ହରାଇଲେ ପାଇବନି,
ତା' କୋମଳ ଛାଇ ପଣତ ।

ପିଠାତ ପିଠା କାକରା ପିଠା,
ଏମିତି ପିଠା ଆଉ ତ ନାହିଁ ।
ବୋଉ ଡାକଟି ଏମିତି ମିଠା,
ପାଟିରୁ ମୋର ଛାଡ଼ଇ ନାହିଁ ।

ପ୍ରଥମ

କଥାତ କଥା ମରମ କଥା,
ଏମିତି କଥା ହୁଏ ନା ସହି ।
ବୋଉର ପଦେ କଅଁଳ କଥା,
ଭୁଲାଇ ଦିଏ ସକଳ ବ୍ୟଥା ।

ବାଘ ମଉସା ଗାଉଛି ଗୀତ,
ଛେଳି ବଜାଏ ଢୋଲ ।
ପୁଷି ମାଉସୀ ପାଖରେ ବସି,
ଦେଉଛି ହରିବୋଲ ।

ପ୍ରଥମ

ଚକ ଚକିଆ ଦେହଟା ମୋର,
ପେଟଟା ମୋର ସରୁ ।
କାଗଜ ପରି ପତଳା ଡେଣା,
ଉଡ଼ିବାରେ ମୁଁ ଗୁରୁ ।

ମୋର ଗୋଟିଏ ଗାଈ ଅଛି ।
ସେ ଘାସ ଖାଏ, ତୋରାଣି ପିଏ,
ଆମକୁ କ୍ଷୀର ଦିଏ ।
କ୍ଷୀରରୁ ଘିଅ,ଦହି ଓ ଛେନା ହୁଏ ।

ପ୍ରଥମ

ଆମ ଗାଁରେ ବଗିଚା ଅଛି ।
ବଗିଚାରେ ଆମ୍ବ ଗଛ ଲାଗିଛି ।
ମୁଁ ଖରାବେଳେ ସେଠାକୁ ଯାଏ ।
ସେଠି ବହୁତ ଭଲଲାଗେ ।

ବିଶାଳ ଶରୀର ବକଟେ ରୂପ,
ଆଖିକୁ ଦିଶଇ ଦପର ଦପ,
ଦିନରେ ନଦିଶେ ରାତିରେ ଦିଶେ,
କେଉଁ ଜୀବ ସିଏ ଗଗନେ ହସେ ।

ପ୍ରଥମ

ପରିବେଶ ପାଇଁ ଖାଲି,
ଭାଳି ହେଲେ କି ହେବ ।
ପ୍ରତିକାର କଲେ ଯାଇ,
ସେ ପ୍ରକୃତି ହସିବ ।

ରେଳଗାଡ଼ି ଧାରଣାରେ ଚାଲେ ।
ଡଙ୍ଗା ପାଣିରେ ଚାଲେ ।
ସାଇକେଲ ଚାଲେ ରାସ୍ତାରେ ।
ଉଡ଼ାଜାହାଜ ଉଡ଼େ ଆକାଶରେ ।

ପ୍ରଥମ

ଫଳଟିଏ ଖାଇବା ଯେ,
କେତେ ମଜା ଭଲା ।
ଭାବିଛ କି ଗଛଟିକୁ
କିଏ ପୋତିଥିଲା ।

ଭୋଜି କରିବାକୁ ବଣକୁ ଗଲୁ ।
ନଦୀରେ ଗାଧୋଇଲୁ ।
ଏକାଠି ବସି ଭୋଜି ଖାଇଲୁ ।
ଭୋଜି ଖାଇ ବଣରେ ବୁଲିଲୁ ।

ଯାଦୁକର ଆସିଲା ।

ଯାଦୁଖେଳ ଦେଖାଇଲା ।

କୋବିକୁ ତରଭୁଜ କଲା ।

ସଭିଙ୍କୁ ଚକିତ କଲା ।

ଗଛ ଆମର ଜୀବନ ।

ଗଛରୁ ଆମକୁ ଖାଦ୍ୟ ମିଳେ ।

ଆମେ ଗଛ କାଟିବାନି ।

ଅଧିକରୁ ଅଧିକ ଗଛ ଲଗାଇବା

ସଞ୍ଜ ହେଲାଣି ।

ମହମ ବତୀଟି ଜଳାଇ ଦିଅ ।

ବୁଲୁ, ଟୁଲୁ, ବହି ଆଣ ।

ଗଣିତ କଷ, ସାମାଜିକ ପଢ଼ ।


ଜାତୀୟ ପତାକା ଆକାଶେ ଉଡ଼େ ।

ଦେଶଲାଗି ବୀର ସୈନିକ ଲଢ଼େ ।


ଦେଶ ସେବା କରି ଆମେ ଦୈନିକ ।

ହେବୁ ଏ ଦେଶର ବୀର ସୈନିକ ।


## ପ୍ର ୧. ନିମ୍ନରେ ଦିଆ ଯାଇଥିବା ଶବ୍ଦଗୁଡିକୁ ପଢ଼ି ଚିତ୍ର ସହିତ ଯୋଡ଼ ।



୧. ସୂର୍ଯ୍ୟ



୨. ମେଘ



୩. କାର୍



୪. ସାଇକେଲ



୫. ଚୌକି

## ପ୍ରଶ୍ନ ୨. ପଢ଼, କୁହ ଏବଂ ଲେଖ

କ) ଛା + ତ୍ + ର =

ମା + ତ୍ + ର =

ପା + ତ୍ + ର =

ଗା + ତ୍ + ର =

ଖ) ଭକ୍ତ = ଭ + କ୍ + ତ

ଉକ୍ତ =


ଶାକ୍ତ =

ସିକ୍ତ =




ଶକ୍ତ =

## ପ୍ରଶ୍ନ ୧ . ନିମ୍ନରେ ଦିଆଯାଇଥିବା ଚିତ୍ରକୁ ଦେଖିକରି ଶବ୍ଦ ପୂରଣ କର । -





................ଳ ବ.......... ନା..........

କ.......ଳୀ. ପ.........ସ ଭା..........

## ପ୍ରଶ୍ନ ୨ . ନିମ୍ନରେ ଦିଆଯାଇଥିବା ଶବ୍ଦ ମଧ୍ୟରୁ ସଠିକ ମାତ୍ରା ( ି ,ୀ) ଲଗାଇ ପୁଣିଥରେ ଲେଖ ।

ନଦ.........................ପାଣ.....................କାଳ.................

ବହ.........................ବଶାଳ..................ମୁଖଆ................

ଜବନ.......................କବତା..................ଶାର..................

ଶରର.......................ଶବାନ...................ଗତ...................

ବମଳ.......................ଶଶର...................ଶକୁନ...............

## ପ୍ରଶ୍ନ ୧. ସଠିକ୍ ଯୋଡ଼ି କର ।

ଆଖି



କାନ



ଗୋଡ



ହାତ



ନାକ



## ପ୍ରଶ୍ନ ୨. ନିମ୍ନରେ ଦିଆ ଯାଇଥିବା ଶବ୍ଦଗୁଡିକୁ ସଠିକ କ୍ରମରେ ସଜାଇ ଲେଖ ।

| | | | | | | | |
|---|---|---|---|---|---|---|---|
| ଇ | କୋ | ଲା | - କୋଇଲା | ଇ | ମ | ଳା | - |
| ନା | ର | ଅ | - | ଠା | ଇ | ମି | - |
| ମ | ଲ | କ | - | ବି | ଇ | ଲେ | - |
| ଇ | ଢେ | କ | - | କା | ଚି | ଲି | - |
| ଳ | କ | ପା | - | ରା | ନି | ଶ | - |
| ବ | ନ | ପ | - | ବ | ନ | ଜୀ | - |
| ଖା | କ | ରୁ | - | କା | ଶ | ଆ | - |

## ପ୍ରଶ୍ନ ୧. ଦେଖ, ପଢ଼ ଓ ଲେଖ ।

| | | | |
|---|---|---|---|
| ୧. | ଶେଫାଳି –............................... | ୨. | ଅଙ୍ଗୁର –................................ |
| ୩. | କାର –................................ | ୪. | ସୂର୍ଯ୍ୟ –.................................. |
| ୫. | କଲମ –................................ | ୬. | ସେଓ –.................................. |
| ୭. | ଫୁଲ –................................ | ୮. | ଗୋଶାଳା –.......................... |
| ୯. | ଛତା –.................................. | ୧୦. | ବଜାର–................................ |
| ୧୧. | ପିଜୁଳି –.................................. | ୧୨. | ଅଜଗର –............................... |
| ୧୩. | ଜାହାଜ –........................... | ୧୪. | ପାହାଡ –................................ |

## ୨. ଠିକ୍ ଶବ୍ଦ ଉପରେ ଗୋଲ ବୁଲାଅ ।

| | | | | | | | |
|---|---|---|---|---|---|---|---|
| ୧. | ଶିତଳ | ଶୀତଳ | ସୀତଳ | ୨. | ବିଦ୍ୟାଳୟ | ବୀଦ୍ୟାଳୟ | ବିଦ୍ୟାଆଳୟ |
| ୩. | ସରୀର | ଶରିର | ଶରୀର | ୪. | ସାଗର | ଶାଗର | ଷାଗର |
| ୫. | ପଣସ | ପଣଶ | ପଣଷ | ୬. | ଗଣେଷ | ଗଣେସ | ଗଣେଶ |

## ୩. ଶବ୍ଦଗୁଡିକୁ ଦିଆ ଯାଇଥିବା ଉଦାହରଣ ଅନୁସାରେ ବାଛି ଲେଖ ।

କଂସା, କଅଁଳା, ସଂଚୟ, ଅଂଗୁର, ପାଉଁଶ, ପାଂଚ, ଜାଆଁଳା, ଗଂଗା, ଡିଆଁ, ପହଁଚିବା, ଚିଆଁ,ସରପଂଚ, ସଂସାର, କୁଆଁରୀ, ମାଁ, ପଂଖା, ବଂଶ, ନିଆଁ, ଡାଉଁଶ, ଚଂଚଳା, ତୁଂଗ, ମୁହଁ, ସାଉଁଟା, କଳିଂଗ

କଂସା–.......................................................................................

.......................................................................................

.......................................................................................

ନିଆଁ –.......................................................................................

.......................................................................................

.......................................................................................

ପ୍ରଶ୍ନ ୧. ନିମ୍ନରେ ଦିଆ ଯାଇଥିବା ଅକ୍ଷରଗୁଡ଼ିକରୁ ଆରମ୍ଭ ହେଉଥିବା ୫ଟି ଲେଖାଏଁ ଶବ୍ଦ ଗଠନ କର ।

କ ------ -------- ---------- --------- --------

ମ ------ -------- --------- --------- --------

ତ ------- -------- ---------- ---------- --------

ବ ------ -------- ---------- ---------- ---------

ଚ ------ -------- ---------- ---------- --------


ପ୍ରଶ୍ନ ୨. ମଣିଷ ଶରୀରର ୫ଟି ଅଙ୍ଗର ନାମ ଲେଖ ।

---

---

୩. ଘର ଏବଂ ଗଛର ଚିତ୍ର ତିଆରି କର ।

| ଘର | ଗଛ |
| --- | --- |
| | |



# ଅଭ୍ୟାସ ପୁସ୍ତିକା - ୧

## (ପ୍ରାରମ୍ଭ ଏବଂ ଅକ୍ଷର ସ୍ତର)

ଛାତ୍ର/ଛାତ୍ରୀଙ୍କର ନାମ : ______________________


ବିଦ୍ୟାଳୟର ନାମ : ______________________

ଗ୍ରାମର ନାମ : ______________________

ଜିଲ୍ଲାର ନାମ : ______________________

ତାରିଖ : ______________________

*୩-୫ ଶ୍ରେଣୀର ପ୍ରାରମ୍ଭ ଓ ଅକ୍ଷର ସ୍ତରର ପିଲାଙ୍କ ପାଇଁ*



# ଅଭ୍ୟାସ ପୁସ୍ତିକା- ୩

## ( ଗପସ୍ତର ପିଲାଙ୍କ ନିମନ୍ତେ )

ଛାତ୍ର/ଛାତ୍ରୀଙ୍କର ନାମ : ______________________

ବିଦ୍ୟାଳୟର ନାମ : ______________________

ଗ୍ରାମର ନାମ : ______________________

ଜିଲ୍ଲାର ନାମ : ______________________

ତାରିଖ : ______________________

**ପ୍ରଶ୍ନ ୧. ବିପରୀତ ଶବ୍ଦ ଲେଖ ।**

| | | | |
|---|---|---|---|
| ଚତୁର | = | ଜୀବନ | = |
| ମାଲିକ | = | ପ୍ରଶଂସା | = |
| ମିତ୍ର | = | ଓଦା | = |
| ସଫଳ | = | ଦିନ | = |
| କ୍ରୟ | = | ସମାନ | = |
| ଥଣ୍ଡା | = | ଖରାପ | = |
| ଖରା | = | ଧନୀ | = |

**ପ୍ରଶ୍ନ ୨. ପ୍ରତ୍ୟେକ ଶବ୍ଦର ଦୁଇଟି ଲେଖାଏଁ ସମାନାର୍ଥକ ଶବ୍ଦ ଲେଖ ।**

ଫୁଲ =

ଜଳ =

ମିତ୍ର =

ପବନ =

ଆକାଶ =

ପୃଥିବୀ =

ହାତ =

ସୂର୍ଯ୍ୟ =

ହାତୀ =

ଘୋଡା =

**ପ୍ରଶ୍ନ ୩. ନିମ୍ନଲିଖିତ ଶବ୍ଦଗୁଡିକର ଗଦ୍ୟରୂପ ଲେଖ ।**

| | | | |
|---|---|---|---|
| ଗରବ | = ______ | ଗଉରବ | = ______ |
| ପୂରୁବ | = ______ | ପରବ | = ______ |
| ନିରିମଳ | = ______ | ପରଭାତ | = ______ |
| ସେନେହମୟୀ | = ______ | ବିକିରି | = ______ |
| ପରବତ | = ______ | ସପନ | = ______ |

*୩-୫ ଗପ ସ୍ତରର ପିଲାଙ୍କ ପାଇଁ*

ପ୍ରଶ୍ନ ୧. ଶବ୍ଦ ପହେଲି ମଧ୍ୟରୁ ଫଳ ଏବଂ ଗଛର ନାମ ଖୋଜି ଲେଖ ।

| | | | | | |
|---|---|---|---|---|---|
| ବା | ତା | ପି | ଜୁ | ଳି | ପ |
| ଶା | ଗୁ | ଆ | ନ | କ | ଣ |
| ସେ | ଓ | ଶା | ତ | ଳା | ସ |
| ଆ | ଉ | ଳ | ମ | ଟ | ର |
| ମ୍ବ | ଶା | କ | ଦ | ଳୀ | କେ |

___ ___ ___ ___

___ ___ ___ ___

___ ___ ___ ___

___ ___ ___ ___

ପ୍ରଶ୍ନ ୨. ଶବ୍ଦ ପହେଲିରୁ ପରିବା ଏବଂ ପକ୍ଷୀମାନଙ୍କର ନାମ ଖୋଜି ଲେଖ ।

| | | | | | |
|---|---|---|---|---|---|
| ସା | କୋ | ଶା | ରୀ | ଆ | ପି |
| ବା | ଇ | ଗ | ଣ | ଲୁ | ଆ |
| ଜ | ଲି | କୁ | ଲୁ | ରୁ | ଜ |
| ଲା | ହ୍ନି | ଆ | ସା | ଭୁ | ରୁ |
| ଉ | ଶୁ | ଗ | ର | ଖା | ଲ |
| ଇ | ବ | ତ | କ | ଦ | ଲୀ |

___ ___ ___ ___

___ ___ ___ ___

___ ___ ___ ___

___ ___ ___ ___

**ପ୍ରଶ୍ନ ୧. ପ୍ରତ୍ୟେକ ଶବ୍ଦର ତିନୋଟି ଲେଖାଏଁ ବାକ୍ୟ ଲେଖ ।**

ବିଦ୍ୟାଳୟ ୧. ____________________
୨. ____________________
୩. ____________________

ଶିକ୍ଷକ ୧. ____________________
୨. ____________________
୩. ____________________

ବହି ୧. ____________________
୨. ____________________
୩. ____________________

ସାଙ୍ଗ ୧. ____________________
୨. ____________________
୩. ____________________

ପରୀକ୍ଷା ୧. ____________________
୨. ____________________
୩. ____________________

ଗଛ ୧. ____________________
୨. ____________________
୩. ____________________

**ପ୍ରଶ୍ନ ୧. ଅନେକ ଶବ୍ଦ ପାଇଁ ଗୋଟିଏ ଶବ୍ଦ ଲେଖ ।**

୧. ଯାହା ପାଖରେ ଦୟା ନଥାଏ --------------------

୨. ଯାହା କହିହୁଏ ନାହିଁ --------------------

୩. ଯାହାର ଆକାର ନାହିଁ --------------------

୪. ସର୍ବଦା ସତ କହୁଥିବା ଲୋକ --------------------

୫. ଚିତ୍ର କରୁଥିବା ଲୋକ --------------------

୬. ଯେଉଁଥିରେ ରସ ନଥାଏ --------------------

୭. ବ୍ୟବସାୟ କରେ ଯେ --------------------

୮. ଯାହା ଜାଣିହୁଏ ନାହିଁ --------------------

୯. ଯିଏ ଅନ୍ୟ ଉପରେ ଅତ୍ୟାଚାର କରେ --------------------

୧୦. ସର୍ବଦା ମିଛ କହୁଥିବା ଲୋକ --------------------

**ପ୍ରଶ୍ନ ୨. ଅସଜଡା ବାକ୍ୟକୁ ସଜାଇ ଲେଖ ।**

୧. ଆଣିଲି ପରିବା ବଜାରରୁ । --------------------

୨. ଶୀତ ମାଘ ହୁଏ ମାସରେ ବହୁତ । --------------------


୩. ସହର ଏକ କଟକ ବଡ । --------------------


୪. କଲିକତା ମୋ ଯିବେ ବାପା କାଲି । --------------------


୫. ପର୍ବ ବଡ ରଥଯାତ୍ରା ଆଷାଢ଼ ମାସର ଅଟେ । --------------------

ପ୍ରଶ୍ନ ୧୫. ଚିତ୍ରଦେଖି ବାକ୍ୟ ଲେଖ ।




















## କାଳର ପରିଚୟ :

ଠିକ୍ ବାକ୍ୟ ଲେଖ : (କାଳର ପରିଚୟ)

୧. ଗୋଟିଏ ଜଙ୍ଗଲରେ ଗୋଟିଏ ସିଂହୀ ରହୁଥିଲା । ତା'ର ଦୁଇଟି ପିଲା ଅଛି ।

____________________

____________________

୨. ଦୁଇଟି ବିଲେଇଙ୍କୁ ଏକ ପିଠା ମିଳିଲା । ସେ ଦୁଇଜଣ ପିଠା ପାଇଁ ଝଗଡ଼ା କରୁଛନ୍ତି ।

____________________

____________________

୩. ମୁଁ ଆଉ ମୋ ସାଙ୍ଗ ବଗିଚାକୁ ଯାଉଛୁ । ଆମେ ବହୁତ ମଜା କରୁଥିଲୁ ।

____________________

____________________

୪. ଆଜି ଆମର ପରୀକ୍ଷା ଥିଲା । ଆଜି ଗଣିତ ଅଛି ।

____________________

____________________

୫. ଆଜି ଖୁବ୍ ଯୋରରେ ବର୍ଷା ହେଲା । ବର୍ଷା ହେବାରୁ ମୟୂରମାନେ ନାଚନ୍ତି ।

____________________

____________________

୬. ମୁଁ ସ୍କୁଲ୍ ଯିବି । ମୋ ପାଖରେ ଏକ ସାଇକେଲ୍ ଥିଲା ।

____________________


____________________

୭. ଆଜି କକା ଆସିବେ । ଖୁଡ଼ୀ ତାଙ୍କ ସାଙ୍ଗରେ ଥିଲେ ।

____________________

____________________

ଚିତ୍ରକୁ ଦେଖିକରି ନିଜ ମନରୁ କାହାଣୀ ଲେଖ ।



....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

# ଅଭ୍ୟାସ ପୁସ୍ତିକା- ୨

## (ଶବ୍ଦ ଏବଂ ଅନୁଚ୍ଛେଦ ସ୍ତର)

ଛାତ୍ର/ଛାତ୍ରୀଙ୍କର ନାମ : ______________________

ବିଦ୍ୟାଳୟର ନାମ : ______________________

ଗ୍ରାମର ନାମ : ______________________

ଜିଲ୍ଲାର ନାମ : ______________________

ତାରିଖ : ______________________

*୩-୫ ଶବ୍ଦ ଓ ଅନୁଚ୍ଛେଦ ସ୍ତରର ପିଲାଙ୍କ ପାଇଁ*

**ପ୍ରଶ୍ନ ୧. 'ଅ' ଲଗାଇ ନୂଆ ଶବ୍ଦ ଗଠନ କର ।**

**ଯେପରି- କାରଣ - ଅକାରଣ**

| | | | |
|---|---|---|---|
| ସତ୍ୟ - | ________ | ମାପ - | ________ |
| ମାନ୍ୟ - | ________ | ଶୁଦ୍ଧ - | ________ |
| ଭାବ - | ________ | ସାର - | ________ |
| ଶୁଭ - | ________ | ସାଧୁ - | ________ |

**ପ୍ରଶ୍ନ ୨. ନିମ୍ନଲିଖିତ ଶବ୍ଦଗୁଡିକର ଉଦାହରଣ ଅନୁସାରେ ଅନ୍ୟ ଶବ୍ଦ ଲେଖ ।**

| | | | | |
|---|---|---|---|---|
| କଳ - | ବଳ | ନଳ | ଫଳ | ଚଳ |
| କାମ - | ________ | ________ | ________ | ________ |
| ବାଜା - | ________ | ________ | ________ | ________ |
| ଶାଗ - | ________ | ________ | ________ | ________ |
| ପିତା - | ________ | ________ | ________ | ________ |
| ଶୀର - | ________ | ________ | ________ | ________ |

**ପ୍ରଶ୍ନ ୩. ଶବ୍ଦଗୁଡିକୁ ନିମ୍ନରେ ଲେଖାଯାଇଥିବା ବାକ୍ୟରେ ଯୋଡ଼ ।**

| ବାପ-ରେ-ବାପ ! | ଆହାଃ ! | ହାୟ ! | ଆରେ ! | କଣ ! ଓଃ ! |
|---|---|---|---|---|

କ) ------------ ତୁମେ କଣ କରୁଛ ?

ଖ) ---------- ଆପଣ ଆସିଗଲେ ।

ଗ) ------------ କେତେ ଗରମ ।

ଘ) ------- ତୁମେ ମେଳା ଦେଖିଛ ?

ଙ) ------------ କେତେ ସୁନ୍ଦର ଫୁଲ ।

ଚ) ---------- କେତେ କଷ୍ଟ ।

ଛ) ----------- କେତେବଡ ସାପ ?

ଛ) -------- କଣ ହେଲା ?


**ପ୍ରଶ୍ନ ୪.ଶବ୍ଦଗୁଡିକୁ ବାଛି ନିମ୍ନରେ ଲେଖ ।**

| | | | | | |
|---|---|---|---|---|---|
| ଆଶିର୍ବାଦ | ପ୍ରଶଂସା | ନିର୍ଣ୍ଣୟ | ଇଂରେଜ | ସଂଗ୍ରାମ | ବିଦ୍ୟାର୍ଥୀ |
| ଦଂଶନ | ଦୁର୍ଘଟଣା | କଂପନ | କାର୍ଯ୍ୟ | ସର୍ବଦା | ସଂଘ |

ସଂଗ୍ରାମ ________ ________ ________ ________ ________


ଆଶିର୍ବାଦ ________ ________ ________ ________ ________

**ପ୍ରଶ୍ନ ୫. ବିପରୀତ ଶବ୍ଦର ଯୋଡ଼ି ନିମ୍ନ ଚିତ୍ରରୁ ବାହାର କରି ଲେଖ ।**




| | | | |
|---|---|---|---|
| ନରମ | କଠିନ | ଭଲ | ________ |
| ବଡ | ________ | ଧଳା | ________ |

**ପ୍ରଶ୍ନ ୬. ଚିତ୍ରକୁ ଦେଖିକରି ତା, ବାଲା ଏବଂ ବାନ ଶବ୍ଦକୁ ଲଗାଇ ନୂଆ ଶବ୍ଦ ତିଆରି କର ।**




| ତା | ବାନ | ବାଲା |
|---|---|---|
| ସରଳତା | ________ | ________ |
| ସୁନ୍ଦରତା | ________ | ________ |
| | ________ | ________ |

**ପ୍ରଶ୍ନ ୭. ନିମ୍ନଲିଖିତ ଶବ୍ଦରେ 'ମହା' ଶବ୍ଦ ଯୋଡ଼ିକରି ନୂଆ ଶବ୍ଦ ଗଢ଼ ।**

ମହା

- ନାୟକ ________ ମହାନାୟକ
- ବୀର ________ ________
- ଭାରତ ________ ________
- ପୁରୁଷ ________ ________
- ବଳୀ ________

ପ୍ରଶ୍ନ ୮. ଚିତ୍ରକୁ ଦେଖିକରି କିଏ କଣ କରୁଛି କୁହ -



ଗଛ ଉପରେ କିଏ ବସିଛି ?



ଝିଅଟି କାନ୍ଧରେ କଣ ଅଛି ?




ଝିଅଟି କଣ କରୁଅଛି ?





ବିଲେଇଟି କଣ କରୁଛି ?

୩-୫ ଶବ୍ଦ ଓ ଅନୁଚ୍ଛେଦ ସ୍ତରର ପିଲାଙ୍କ ପାଇଁ

| | | |
|---|---|---|
| ଣ | ଧ | ସ |
| ଘ | ବ | ଞ |







12
1
2
3
4
5
6
7
8
9
10
11

| | | |
|---|---|---|
| ଘ | ଝ | ଟ |
| ଠ | ଓ | ଡ |














| | | |
|---|---|---|
| ଓ | ଘ | ଷ |
| ଧ | ଲ | ଖ |

L 4.2

| | | |
|---|---|---|
| ଅ | ଡ | ଊ |
| ଗ | ଘ | ଉ |






shutterstock







ଭାରତ




| | | |
|---|---|---|
| ଶ | ଷ | ସ |
| ଛ | କ୍ଷ | ଞ |








© Can Stock Photo - csp9783230





Pratham

# ପଢ଼ିବାର କ୍ଷମତା ( ୧ )

Annual Status of Education Report
असर ASER 2016 RURAL
Facilitated by PRATHAM

## ଅକ୍ଷର

ଦ ‌ ‌ କ

ଚ

ବ ‌ ‌ ଥ

ଲ ‌ ‌ ତ

ହ

ମ ‌ ‌ ଖ

ପିଲାକୁ ୫ଟି ଅକ୍ଷର ପଢ଼ିବାକୁ କୁହନ୍ତୁ । ଅତି କମ୍ ରେ ୪ଟି ଠିକ୍ ହେବା ଦରକାର ।

## ଶବ୍ଦ

କାନ ‌ ‌ ମୂଷା

କଳା

ରାଗ ‌ ‌ ଖୁସି

ଶାରୀ ‌ ‌ ନାଲି

ଶାଗ

କୂଳ ‌ ‌ ଧୋବା

ପିଲାକୁ ୫ଟି ଶବ୍ଦ ପଢ଼ିବାକୁ କୁହନ୍ତୁ । ଅତି କମ୍ ରେ ୪ଟି ଠିକ୍ ହେବା ଦରକାର ।

# ପଢ଼ିବାର କ୍ଷମତା (୧)

## ଗପ

ମାମା ଓ ମିତା ଦୁଇ ମିତ। ଦୁଇ ଜଣ ସବୁବେଳେ ମିଳିମିଶି ରହୁଥିଲେ। ସେମାନେ ସବୁଦିନ ଚାଲି ଚାଲି ପାଠ ପଢ଼ିବାକୁ ଯାଉଥିଲେ। ଦିନେ ଗଲାବେଳେ ମିତା ବାଟରେ ପଡ଼ିଗଲା ଓ ତା'ର ଚପଲ ଛିଣ୍ଡିଗଲା। ମାମାର ମନ ଭାରି ଖରାପ ହେଲା। ସେ ତା ଚପଲ ମିତାକୁ ଦେଇଦେଲା। ମିତା ଖୁସି ହୋଇଗଲା। ସେ ଏହି କଥା ତା ବାପାଙ୍କୁ କହିଲା। ମିତାର ବାପା ଏହା ଶୁଣି ମାମା ଘରକୁ ଗଲେ। ମାମାକୁ ଓ ତା'ର ଘର ଲୋକଙ୍କୁ ଧନ୍ୟବାଦ ଜଣାଇଲେ।

## ସରଳ ଅନୁଚ୍ଛେଦ

ଆସରେ ମିତ ଏକାଠି ହେବା,
ନାନା ରକମର ଖେଳ ଖେଳିବା।
ସଭିଏଁ ମିଶି ଖେଳିବା ଦୋଳି,
ପିଲାମାନେ ଦେଖି ମାରିବେ ତାଳି।

## ସରଳ ଅନୁଚ୍ଛେଦ

ଫଗୁଣ ମାସରେ ଦୋଳ ପରବ ପଡ଼େ।
ଆମେ ସବୁ ଦୋଳ ଯାତରା ଦେଖୁ।
ଆମ ସହ ଭାଇ ବି ଯାଏ।
ଯାତରା ଦେଖି ଖୁସିରେ ଘରକୁ ଫେରୁ।

Pratham

Annual Status of Education Report
असर ASER 2016 RURAL
Facilitated by PRATHAM

# ପଢ଼ିବାର କ୍ଷମତା (୨)

## ଅକ୍ଷର

ପ    ଜ

ଧ

ନ    ଗ

ର    ଭ

ଯ

ଖ    ଫ

ପିଲାକୁ ୫ଟି ଅକ୍ଷର ପଢ଼ିବାକୁ କୁହନ୍ତୁ । ଅତି କମ୍ ରେ ୪ଟି ଠିକ୍ ହେବା ଦରକାର ।

## ଶବ୍ଦ

ଗାଲ    ନୀଳ

ପାନ

ଭୋଗ    ଡାଲି

ନାକ    ଶୁଆ

ଡେରି

ସେବା    ମିତ

ପିଲାକୁ ୫ଟି ଶବ୍ଦ ପଢ଼ିବାକୁ କୁହନ୍ତୁ । ଅତି କମ୍ ରେ ୪ଟି ଠିକ୍ ହେବା ଦରକାର ।

# ପଢ଼ିବାର କ୍ଷମତା ( ୨ )

Pratham

## ଗପ

ଶୀତଳ ପବନ ବହୁଥିଲା । ମାନସୀ ବଗିଚାରେ ବସି ପାଠ ପଢୁଥିଲା । ପଢୁପଢୁ ତାକୁ ନିଦ ଲାଗିଲା । ସେଦିନ ମାନସୀ ବଗିଚାରେ ପାଣି ଦେଇ ନଥିଲା । ସପନରେ ସେ ଗଛମାନଙ୍କୁ ଦେଖୁଥିଲା । ଗଛମାନେ ପାଣି ଅଭାବରୁ ଶୁଖି ଯାଇଥିଲେ । ସେମାନେ ବିକଳ ହୋଇ ମାନସୀକୁ ପାଣି ମାଗୁଥିଲେ । ଗଛମାନଙ୍କୁ ଦୁଃଖରେ ଦେଖି, ମାନସୀ ହଠାତ୍ ନିଦରୁ ଉଠି ବସି ପଡ଼ିଲା । ନଳକୂପରୁ ପାଣି ନେଇ ଗଛରେ ଦେଲା । ପାଣି ପାଇ ଗଛଗୁଡ଼ିକ ପୁଣି ସବୁଜସବୁଜ ଦେଖାଗଲେ ଓ ମାନସୀର ମନ ଖୁସି ହୋଇଗଲା ।

## ସରଳ ଅନୁଚ୍ଛେଦ

ଘର ଅଗଣାରେ ବଗିଚା ଅଛି,
ବଗିଚାରେ ବହୁତ ଫୁଲ ଫୁଟିଛି ।
ସବୁଦିନ ମାଳି ଫୁଲ ତୋଳୁଛି,
ଫୁଲ ସବୁ ନେଇ ମାଳା କରୁଛି ।

## ସରଳ ଅନୁଚ୍ଛେଦ

ଖରା ଦିନେ ଭାରି ଗରମ ହୁଏ,
ନଦୀ, ନାଳ, ପୋଖରୀ ଶୁଖିଯାଏ ।
ଗଛଲତା ସବୁ ଶୁଖିଯାଏ,
ବରଷା ପଡିଲେ ଜୀବନ ପାଏ ।

# କ

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| କ | କା | କି | କୀ | କୁ | କୂ | କୃ | କେ | କୈ | କୋ | କୌ | କଂ | କଃ | କଁ |

କପ୍ କାଚ କିଣା କୀଟ

କୁଟା କୂଳ କୃପଣ କେଳା

କୈଳାସ କୋଣ କୌରବ କଂସା

ପ୍ରଥମ

# ଖ

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ଖ | ଖା | ଖି | ଖୀ | ଖୁ | ଖୂ | ଖୃ | ଖେ | ଖୈ | ଖୋ | ଖୌ | ଖଂ | ଖଃ | ଖଁ |

ଖଟ ଖାଲ ଖିଅ ଖୀରା


ଖୁଆ ଖେଳାଳୀ ଖୈତାନ

ଖୋଜ ଖୌର ଖଂକାର

ପ୍ରଥମ



କଳା କୁଆ ।



କଦଳୀକୁ ଚାକୁରେ କାଟ ।




କଇଁଚିରେ ବାରିକ ଚୁଟି କାଟୁଛି ।




କୋମଳ କମଳାର ବେଣୀ କରୁଛି ।



ଖୁସିରେ ଖାଅ ।



ଖୁଲଣା ଝରକା ଖୋଲି ଦେଖୁଛି ।



ଖେଳାଳୀ ଖେଳ ଖେଳୁଛି ।



ଖଗନ ଖୁସୀରେ ଖେଳୁଛି ।

# ଗ

| ଗ | ଗା | ଗି | ଗୀ | ଗୁ | ଗୂ | ଗୃ | ଗେ | ଗୈ | ଗୋ | ଗୌ | ଗଂ | ଗଃ | ଗଁ |
|---|---|---|---|---|---|---|---|---|---|---|---|---|---|

ଗଢ ଗାର ଗିନା ଗୀତ

ଗୁଆ ଗୂଢ଼ ଗୃହ ଗେଡ଼ା

ଗୈରିକ ଗୋବର ଗୌରବ ଗଂଗା

ପ୍ରଥମ

# ଘ


| ଘ | ଘା | ଘି | ଘୀ | ଘୁ | ଘୂ | ଘୃ | ଘେ | ଘୈ | ଘୋ | ଘୌ | ଘଂ | ଘଃ | ଘଁ |
|---|---|---|---|---|---|---|---|---|---|---|---|---|---|

ଘର ଘାସ ଘିଅ

ଘୁଷୁରୀ ଘୂରିବା ଘୃତ

ଘେରା ଘୋଡ଼ା ଘଂଟି

ପ୍ରଥମ



ଗୋଲ ଲାଲ ଗାର ଥିବା ବଲ।




ଗୌରବ ଗରମ କ୍ଷୀର ପିଉଛି।



ଗଧିଆର ବେକ ଗୋଲ ଅଟେ।



ଗଛରେ ବସି କୋଇଲି ଗୀତ ଗାଉଛି।



ଘାସ ବୁଦା।



ଦେଖ! ଘୋଡ଼ା ବେକରେ ଘୁଂଗୁର ଲାଗିଛି।



ଘୁଷୁରୀ ପଲ।



ଘନ ଘଂଟି ଧରିଛି।

# ଚ

| ଚ | ଚା | ଚି | ଚୀ | ଚୁ | ଚୂ | ଚୃ | ଚେ | ଚୈ | ଚୋ | ଚୌ | ଚଂ | ଚଃ | ଚଁ |
|---|---|---|---|---|---|---|---|---|---|---|---|---|---|

ଚକ ଚାରି ଚିନି ଚୀନ୍

ଚୁନା ଚୂନ ଚେକା ଚୈତାଳି

ଚୋପା ଚୌକି ଚଂଦନ ଚଅଁର

ପ୍ରଥମ

# ଛ

| ଛ | ଛା | ଛି | ଛୀ | ଛୁ | ଛୂ | ଛୃ | ଛେ | ଛୈ | ଛୋ | ଛୌ | ଛଂ | ଛଃ | ଛଁ |
|---|---|---|---|---|---|---|---|---|---|---|---|---|---|


ଛତା ଛାତ ଛିଡ଼ା ଛୁରୀ

ଛେନା ଛୋଟ ଛଂଦ


ପ୍ରଥମ



ଚୁମୁକିର ଚିକିମିକିଆ ପୋଷାକ।




ଚଢ଼େଇ ଚିଁ ଚିଁ ଶବ୍ଦ କରୁଛି।



ଚାରୁ ନାନୀ ଚଟେଇ ଆଣିଲେ।



ଚୌଧୁରୀ ଦାଦା ଚୋରର ଚୁଟି ଧରିଲେ।



ଛୋଟ ଛୁରୀ।



ଛୋଟ ଛୁଆଟି ଖୁସିରେ ନାଚୁଛି।



ଛୋଟ ଛୁଆର ଛାଇ ପଡ଼ିଛି।



ଚୁମୁକି ଛତା ପଛରେ ଲୁଚିଛି।

# ଜ

| ଜ | ଜା | ଜି | ଜୀ | ଜୁ | ଜୂ | ଜୃ | ଜେ | ଜୈ | ଜୋ | ଜୌ | ଜଂ | ଜଃ | ଜଁ |
|---|---|---|---|---|---|---|---|---|---|---|---|---|---|

ଜଳ ଜାଉ ଜିରା ଜୀବନ

ଜୁଆର ଜୂଡା ଜେଜେ ଜୈବ

ଜୋତା ଜଂଘ

ପ୍ରଥମ

# ଝ

| ଝ | ଝା | ଝି | ଝୀ | ଝୁ | ଝୂ | ଝୃ | ଝେ | ଝୈ | ଝୋ | ଝୌ | ଝଂ | ଝଃ | ଝଁ |
|---|---|---|---|---|---|---|---|---|---|---|---|---|---|

ଝର ଝାଳ ଝିଅ ଝୁମୁକା

ଝେଲମ ଝୋଟ ଝଂକାର

ପ୍ରଥମ



ଜଗା ମଜାରେ ସପନ ଦେଖୁଛି ।



ଏକ ହଳ ଜୋତା ।



ଜିତୁ ଜିଲାପି ଖାଉଛି ।



ଜୀବନ ଜୋକର ହୋଇ ଆସୁଛି ।



ଝୁମୁରୀ ଝୁଲାରେ ଝୁଲୁଛି ।



ଝିଅଟି ଝରକାକୁ ଦେଖାଉଛି ।



ଝାଡୁରେ ଅଗଣା ଝାଡ଼ ।



ଆକାଶରେ ତାରା ଝିଲିମିଲି କରୁଛି ।

# ଟ

| ଟ | ଟା | ଟି | ଟୀ | ଟୁ | ଟୂ | ଟୃ | ଟେ | ଟୈ | ଟୋ | ଟୌ | ଟଂ | ଟଃ | ଟଁ |
|---|---|---|---|---|---|---|---|---|---|---|---|---|---|

ଟଗର ଟାଣ ଟିଣ ଟୀକା

ଟୁକୁରା ଟେବୁଲ୍ ଟୋପି ଟଂକା

ପ୍ରଥମ

# ଠ

| ଠ | ଠା | ଠି | ଠୀ | ଠୁ | ଠୂ | ଠୃ | ଠେ | ଠୈ | ଠୋ | ଠୌ | ଠଂ | ଠଃ | ଠଁ |
|---|---|---|---|---|---|---|---|---|---|---|---|---|---|

ଠକ ଠାର ଠିକଣା ଠୁଳ

ଠେକୁଆ ଠୋଲା ଠେଂଗା

ପ୍ରଥମ




ଟୋକେଇରେ ଟମାଟୋ ରଖ।



ଟୁନ୍‌ଟୁନ୍ ଟିଣ ଡବାରେ ଚଢ଼ିଛି।



ଟୁକୁନା ଟୋପି ପିନ୍ଧିଛି।



ଟୁଟୁ ଟମାଟୋ ଚଟଣୀ କଲା।



କଂସାରି ବାସନ ଠକ୍ ଠକ୍ କରୁଛି।



ଠେକୁଆ ଗାଜର ଛବି ତିଆରି କରୁଛି।



ଠିକାଦାର ଠାକୁରଙ୍କ ଭୋଗ ଧରିଛି।



ଠେଲା ଗାଡ଼ିରେ ଲୋକଟି କଦଳୀ ରଖୁଛି।

# ଡ

ଡ ଡା ଡି ଡୀ ଡୁ ଡୂ ଡୃ ଡେ ଡୈ ଡୋ ଡୌ ଡଂ ଡଃ ଡଁ

ଡବା ଡାଲି ଡିଜେଲ୍ ଡୁବନ

ଡେଣା ଡୋଲା ଡଂଗା

ପ୍ରଥମ

# ଢ

ଢ ଢା ଢି ଢୀ ଢୁ ଢୂ ଢୃ ଢେ ଢୈ ଢୋ ଢୌ ଢଂ ଢଃ ଢଁ

ଢଗ ଢାଲ ଢିଲା

ଢୀମା ଢୁଢୁ ଢେଉ

ଢୋଲ ଢୌକନ ଢିଂକି

ପ୍ରଥମ



ଡମ୍ ଡମ୍ ଡମ୍ବରୁ ।



ଡାଳରେ ମାଙ୍କଡ଼ ବସିଛି ।



ଡାକବାଲା ଡାକ ଘରକୁ ଯାଉଛି ।



ଡଂଗାଟିକୁ ଝିଅଟି ଦେଖୁଛି ।



ମୟୂର ନାଚଇ ଢଳି ଢଳି ।



ଢୋଲିଆ ଢୋଲ ବଜାଉଛି ।



ଢାଳରୁ ପାଣି ଢାଳିଗଲା ।



ଗଛରେ କଢ଼ ଧରିଛି ।

# ତ

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ତ | ତା | ତି | ତୀ | ତୁ | ତୂ | ତୃ | ତେ | ତୈ | ତୋ | ତୌ | ତଂ | ତଃ | ତଁ |

ତଳ ତାଳ ତିଳ ତୀର

ତୁଳା ତୂରୀ ତୃଣ ତେରଛା

ତୈଳ ତୋଷ ତଂଟି

ପ୍ରଥମ

# ଥ

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ଥ | ଥା | ଥି | ଥୀ | ଥୁ | ଥୂ | ଥୃ | ଥେ | ଥୈ | ଥୋ | ଥୌ | ଥଂ | ଥଃ | ଥଁ |

ଥଳ ଥାଳ ଥିଏଟର୍

ଥୁକୁଲ୍ ଥୋପ ଥଂଡା

ପ୍ରଥମ



ତିନୋଟି ପ୍ରଜାପତି ।




ତାଲା ଚାବିରେ ଖୋଲେ ।



ତରୁଣ ତାବଲା ବଜାଉଛି ।



ତୋରଲ ହାତରେ ତୂଳୀ ଧରିଛି ।



ଥର୍ମୋସ୍‌ରେ ଥଣ୍ଡା କ୍ଷୀର ଅଛି ।



ରହିମ ଥଣ୍ଡାରେ ଥରୁଛି ।



ଥାକ ଉପରେ ବହି ଅଛି ।



ମୋଟୁ ହାତୀ ଥଳୀ ଧରି ଚାଲୁଛି ।

# ଦ

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ଦ | ଦା | ଦି | ଦୀ | ଦୁ | ଦୂ | ଦୃ | ଦେ | ଦୈ | ଦୋ | ଦୌ | ଦଂ | ଦଃ | ଦଁ |

ଦଳ ଦାନ ଦିବସ ଦୀନ

ଦୁଆତ ଦୂର ଦୃତ ଦେଶ

ଦୈବ ଦୋଳ ଦୌଡ଼ ଦୁଃଖ

ଦଂଶନ

ପ୍ରଥମ

# ଧ

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ଧ | ଧା | ଧି | ଧୀ | ଧୁ | ଧୂ | ଧୃ | ଧେ | ଧୈ | ଧୋ | ଧୌ | ଧଂ | ଧଃ | ଧଁ |

ଧନ ଧାନ ଧିର ଧୀବର

ଧୁସର ଧୂପ ଧୃତ ଧେନୁ

ଧୋବା ଧୈବତ ଧୌତ ଧଂଡା

ପ୍ରଥମ



ଦୁଇ ଭଉଣୀ ।



ଦୀପକ ଥଳି ଧରିଛି ।



ଦାଦା ଖୁଡ଼ୀଙ୍କୁ ଚାହିଁଛନ୍ତି ।



ଦିନେଶ ଦହି ଲସି ପିଉଛି ।



ଧିରେନ୍ ଧାନ କାଟୁଛି ।



ଧୀରୁ ଧନୁ-ଶର ଧରିଛି ।



ଧୋବା ଲୁଗା କାଚୁଛି ।



ନିଧି ଧୂଳିରେ ଖେଳୁଛି ।

# ନ

| ନ | ନା | ନି | ନୀ | ନୁ | ନୂ | ନୃ | ନେ | ନୈ | ନୋ | ନୌ | ନଂ | ନଃ | ନଁ |
|---|---|---|---|---|---|---|---|---|---|---|---|---|---|

ନଳ ନାଚ ନିଚ ନୀଳ

ନୁଖୁରା ନୂପୁର ନୃପତି ନେତ

ନୈତିକ ନୋଟ୍ ନୌକା ନିଃଶେଷ

ପ୍ରଥମ

# ପ

| ପ | ପା | ପି | ପୀ | ପୁ | ପୂ | ପୃ | ପେ | ପୈ | ପୋ | ପୌ | ପଂ | ପଃ | ପଁ |
|---|---|---|---|---|---|---|---|---|---|---|---|---|---|

ପର ପାଣି ପିଠା ପୀଠ

ପୁରୀ ପୂରଣ ପୃଥିବୀ ପେଟ

ପୈଠ ପୋକ ପୌଷ ପଂକ

ପ୍ରଥମ



ନଖଟି ମୂନିଆ ଅଟେ ।



ନେତା ଆସିଲେ ।



ନିଲୁ ଗେଲ ହେଉଛି ।



ନବୀନ ନୌକା ଚଳାଉଛି ।



ପପୁ ପାଣି ପିଉଛି ।



ପାଦରେ ପାଉଁଜି ଅଛି ।



ପିତବାସ ପଂଖା ଚଳାଇଲା ।



ପକ୍ଷୀଟି ଡାଳରେ ବସିଛି ।

# ଫ

| ଫ | ଫା | ଫି | ଫୀ | ଫୁ | ଫୂ | ଫୃ | ଫେ | ଫୈ | ଫୋ | ଫୌ | ଫଂ | ଫଃ | ଫଁ |
|---|---|---|---|---|---|---|---|---|---|---|---|---|---|

ଫଳ ଫାଳ ଫିତା ଫୁଲ

ଫେଣ ଫୈସଲା ଫୋଟକା

ଫୌଜ ଫାଂକ ଫେଁ ଫେଁ

ପ୍ରଥମ

# ବ

| ବ | ବା | ବି | ବୀ | ବୁ | ବୂ | ବୃ | ବେ | ବୈ | ବୋ | ବୌ | ବଂ | ବଃ | ବଁ |
|---|---|---|---|---|---|---|---|---|---|---|---|---|---|

ବର ବାର ବିଲ ବୀର


ବୁଣିବା ବୃଥା ବେଲ ବୈରାଗ

ବୋତଲ ବୌଦ ବଂଶୀ

ପ୍ରଥମ



ଫକିର ଫୁଲଝରି ଜଳଉଛି ।




ବାପା ବଜାରରୁ ଫଳ ଆଣିଲେ ।




ଭଂଗା ମାଠିଆ ଫୋପାଡ଼ି ଦିଅ ।



ଫିରୋଜ ଫଳ ଧୋଉଛି ।




ବଡ଼ ବାଲ୍‌ଟି ।



ବେସନର ଲଡ୍ଡୁ ।



ବଗୁଲା ବଂଶୀ ବଜାଉଛି ।



ବଡ଼ ବଡ଼ ବାଇଗଣ ।

# ଭ

| ଭ | ଭା | ଭି | ଭୀ | ଭୁ | ଭୂ | ଭୃ | ଭେ | ଭୈ | ଭୋ | ଭୌ | ଭଂ | ଭଃ | ଭଁ |
|---|---|---|---|---|---|---|---|---|---|---|---|---|---|

ଭଲ ଭାଲୁ ଭିଡ଼ ଭୀମ

ଭୁଲ୍ ଭୂମି ଭୃଣ ଭେକ

ଭୈରବ ଭୋକ ଭୌତିକ ଭାଂଗ

ପ୍ରଥମ

# ମ

| ମ | ମା | ମି | ମୀ | ମୁ | ମୂ | ମୃ | ମେ | ମୈ | ମୋ | ମୌ | ମଂ | ମଃ | ମଁ |
|---|---|---|---|---|---|---|---|---|---|---|---|---|---|

ମନ ମାଠିଆ ମିଠା ମୀନ

ମୁଖ ମୂଳ ମୃଗ ମେଳ

ମୈନା ମୋର ମୌକା ମାଂସ

ପ୍ରଥମ



ଭରତ ଭାଲୁ ନାଚ କରାଏ ।




ଭାରତ ଆମ ଦେଶ ଅଟେ ।



ଭିକାରୀଟି ଭୋକିଲା ଅଟେ ।



ଭାଇ କ୍ଷୀର ଆଣିଲା ।




ମନୋଜ ମୋର ମିତ ଅଟେ ।



ମାମୁ ମାଳା ଆଣିଲେ ।



ମିଠା ମିଠା ଫଳ ।



ମୌସୁମୀ ମୋ ଠାରୁ ମୋଟି ଅଟେ ।

# ଯ

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ଯ | ଯା | ଯି | ଯୀ | ଯୁ | ଯୂ | ଯୃ | ଯେ | ଯୈ | ଯୋ | ଯୌ | ଯଂ | ଯଃ | ଯଁ |

ଯଥ ଯାନ ଯିବା

ଯୀଶୁ ଯୁଗଳ ଯୂଈ

ଯେଉଁ ଯୋଗ ଯୌବନ

ପ୍ରଥମ

# ର

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ର | ରା | ରି | ରୀ | ରୁ | ରୂ | ରୃ | ରେ | ରୈ | ରୋ | ରୌ | ରଂ | ରଃ | ରଁ |

ରଜ ରାଜା ରିତା ରୀତି

ରୁଟି ରୂପା ରେଖା ରୈଖିକ

ରୋଗ ରୌପ୍ୟ ରଂଗ

ପ୍ରଥମ



ଯୋଗ କରିବା ଭଲ ।



ଯୋଗେଶ ଯଜ୍ଞ କରୁଛି ।



ମୁଁ ନୂଆ ଯୋତା କିଣିଲି ।




ଦୋଳରେ ଯାତରା ପଡ଼େ ।



ରାଜା ଭୟରେ ଦୌଡୁଛି ।



ରୀମା ରାବିଡ଼ି ଆଣିଲା ।



ରୁମାଲରେ ଫଳ ପୋଛି ଖାଅ ।



ରାଜୁ ରେଳଗାଡ଼ିରେ ବସିଛି ।

# ଶ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ଶ | ଶା | ଶି | ଶୀ | ଶୁ | ଶୂ | ଶୃ | ଶେ | ଶୈ | ଶୋ | ଶୌ | ଶଂ | ଶଃ | ଶଁ |

ଶଗଡ଼ ଶାଗୁ ଶିଳ ଶୀତ

ଶୁଆ ଶୂନ ଶୃଗାଳ ଶେଷ

ଶୈଳ ଶୋକ ଶୌଚ ଶଂଖ

ପ୍ରଥମ

# ଷ

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ଷ | ଷା | ଷି | ଷୀ | ଷୁ | ଷୂ | ଷୃ | ଷେ | ଷୈ | ଷୋ | ଷୌ | ଷଂ | ଷଃ | ଷଁ |

ଷଣ୍ଢ ଷାଠିଏ

ଋଷି ଉଷୁନା

ରୋଷେଇ ଷୋହଳ

ପ୍ରଥମ



ଶିକାରୀ ଶିକାର ଖୋଜୁଛି ।



ଶୁଆର ପର ଶାଗୁଆ ।



ଶାଗୁଣା ବସିଛି ଡେଣା ମେଲାଇ ।



ଶିଳା ସହିତ ଶିବାନୀ ଆସିଲା ।



ଆଷାଢ଼ ମାସରେ ବରଷା ହୁଏ ।



ସୁବାଷ ବୋଷଙ୍କୁ କିଏ ନ ଜାଣେ ?



ଚାଷୀ ଚାଷ କରୁଛି ।



ନାଗ ଏକ ବିଷଧର ସାପ ।

# ସ

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ସ | ସା | ସି | ସୀ | ସୁ | ସୂ | ସୃ | ସେ | ସୈ | ସୋ | ସୌ | ସଂ | ସଃ | ସଁ |

| | | | |
|---|---|---|---|
| ସତ | ସାପ | ସିକା | ସୀତା |
| ସୁନା | ସୂତା | ସୃଜନ | ସେଓ |
| ସୈନିକ | ସୋଲ | ସୌର | ସଂସାର |

ପ୍ରଥମ

# ହ


| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ହ | ହା | ହି | ହୀ | ହୁ | ହୂ | ହୃ | ହେ | ହୈ | ହୋ | ହୌ | ହଂ | ହଃ | ହଁ |

| | | | |
|---|---|---|---|
| ହଳ | ହାତ | ହିତ | ହୀନ |
| ହୁଳା | ହୂତ | ହୃଦୟ | ହେଟା |
| ହୈମ | ହୋମ | ହଂସ | ହିଂସା |

ପ୍ରଥମ



ସରୋଜ ସେଓ ଖାଉଛି ।




ସିନ୍ଦୁକରେ ସୁନା ରଖ ।



ସିଂହ ବସିଛି ।



ସୋନୁ ସକାଳୁ ବୁଲିବାକୁ ଯାଏ ।




ହଂସ ପାଣିରେ ପହଁରୁଛି ।



ହେନା ହୋଲି ଖେଳୁଛି ।



ହରିଆ ହଳ ନେଇ ଯାଉଛି ।



ହୀରା ଚମକୁଛି ।

# କ୍ଷ

| କ୍ଷ | କ୍ଷା | କ୍ଷି | କ୍ଷୀ | କ୍ଷୁ | କ୍ଷୂ | କ୍ଷୃ | କ୍ଷେ | କ୍ଷୈ | କ୍ଷୋ | କ୍ଷୌ | କ୍ଷଂ | କ୍ଷଃ | କ୍ଷଁ |
|---|---|---|---|---|---|---|---|---|---|---|---|---|---|

କ୍ଷତ କ୍ଷାର କ୍ଷିତି କ୍ଷୀର

କ୍ଷୁଧା କ୍ଷେତ କ୍ଷୌର

ପ୍ରଥମ

# ଲ

| ଲ | ଲା | ଲି | ଲୀ | ଲୁ | ଲୂ | ଲୃ | ଲେ | ଲୈ | ଲୋ | ଲୌ | ଲଂ | ଲଃ | ଲଁ |
|---|---|---|---|---|---|---|---|---|---|---|---|---|---|

ଲବ ଲାଠି ଲିଚୁ ଲୀନ

ଲୁଗା ଲେଖା ଲୈଲା ଲୋପ

ଲୌକିକ ଲଂକା

ପ୍ରଥମ



କ୍ଷତରେ ମଲମ ଲଗାଅ ।



ବାରିକ କ୍ଷୁରରେ ଦାଢ଼ି କାଟୁଛି ।



ଭୁଲ କଲେ କ୍ଷମା ମାଗ ।



ଆଶିଷ ଗରମ କ୍ଷୀର ପିଉଛି ।



ଲତା ଲାଲ ରିବନ ପିନ୍ଧିଛି ।



ଲାଲ ଲାଲ ଲଂକା ଖାଅ ।



ଲଳିତା ଲିଚୁ ଖାଇଲା ।



ଲୋଭୀ ବିଲୁଆ ।